କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ମାଡ୍ରାସ

ବନାମ

ମେସର୍ସ ଆରେସନ୍ ଏବଂ କମ୍ପାନୀ

ମାର୍ଚ୍ଚ 20,1997

[ପ୍ରଧାନ ବିଚାରପତି ଏ. ଏମ୍. ଅହମ୍ମଦୀ, ଏବଂ ନ୍ୟାୟମୂର୍ତ୍ତି ଏସ୍. ପି. କୁର୍ଦୁକର୍]

*କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲବଣ ଅଧିନିୟମ, 1944— ଧାରା -5-A, ବିଷୟ 34 (iii) ଏବଂ ତା 1.3.1978 ରିଖର 40/ଅଧିସୂଚନା ସଂଖ୍ୟା 71/78- ସି.ଇ. କୁ 19.6.1980 ର ଅଧିସୂଚନା ସଂଖ୍ୟା 80/80 ସି.ଇ. ଦ୍ୱାରା ସଂଶୋଧନ କରାଯାଇଛି— ଖଣ୍ଡ 2 (1) (ii)— ଛାଡ ପାଇଁ ଯୋଗ୍ୟତା— କରଦାତା ଅଧିସୂଚନାର ପାରା 2(ii) ଅନୁଯାୟୀ ଟିକସ ଛାଡ଼ ପାଇଁ ଦାବି କରୁଛନ୍ତି, କାରଣ ପୂର୍ବ ଆର୍ଥିକ ବର୍ଷ ମଧ୍ୟରେ ଉଭୟ ଉତ୍ପାଦ ଶୁଳ୍କଯୋଗ୍ୟ ସାମଗ୍ରୀର ସମୁଦାୟ ନିକାଶ ମୂଲ୍ୟ ଉକ୍ତ ପାରାରେ ଉଲ୍ଲେଖ କରାଯାଇଥିବା ମୁତାବକ 20 ଲକ୍ଷ ଟଙ୍କାରୁ ଅଧିକ ହୋଇନଥିଲା— ନିର୍ଣ୍ଣୟ ହୋଇଛି: ଉଭୟ ଦ୍ରବ୍ୟ 'ନିର୍ଦ୍ଦିଷ୍ଟ ଦ୍ରବ୍ୟ' ହୋଇଥିବାରୁ, କରଦାତାଙ୍କ ମାମଲା ପାରା 2 (i) ଦ୍ୱାରା ଅନ୍ତର୍ଭୁକ୍ତ ହେବ— ପାରା 2(i) ରେ ନିର୍ଦ୍ଦିଷ୍ଟ ହୋଇଥିବା ଗୋଟିଏ ସାମଗ୍ରୀର ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ସର୍ବାଧିକ ସୀମା 15 ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ, କରଦାତା ଛାଡ଼ ପାଇବା ପାଇଁ ଯୋଗ୍ୟ ନୁହନ୍ତି ।*

ଉତ୍ତରଦାତା, ଟ୍ରଲି ଏବଂ ଇସ୍ପାତ ଆସବାବପତ୍ର ତିଆରି କରୁଥିଲେ, ଯାହା କି କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ **1944** ର ଶୁଳ୍କହାର ବିଷୟ ସଂଖ୍ୟା **34 (iii)** ଏବଂ **40** ଅନୁଯାୟୀ ଉତ୍ପାଦ ଶୁଳ୍କ ଦେବା ପାଇଁ ଦାୟୀ ଥିଲେ । ସେ **1** ଅପ୍ରେଲ **1980** ରୁ **30** ସେପ୍ଟେମ୍ବର **1980** ମଧ୍ୟରେ ପ୍ରଦାନ କରିଥିବା ଶୁଳ୍କ ଫେରସ୍ତ ପାଇବା ପାଇଁ ଦାବି କରିଥିଲେ, ସେ **19** ଜୁନ୍ **1980** ତାରିଖର ଅଧିସୂଚନାର ପାରା **2 (ii)** ଆଧାରରେ ଟିକସ ଛାଡ଼ ପାଇବାକୁ ଯୋଗ୍ୟ ବୋଲି ଦର୍ଶାଇଥିଲେ ଯେ, ଉକ୍ତ ପାରାରେ ଉଲ୍ଲେଖ ଥିବା ନିୟମ ଅନୁଯାୟୀ, ପୂର୍ବ ଆର୍ଥିକ ବର୍ଷରେ ତାଙ୍କର ଦୁଇଟିଯାକ ଉତ୍ପାଦ ଶୁଳ୍କ ଯୋଗ୍ୟ ସାମଗ୍ରୀର ସମୁଦାୟ ବିକ୍ରି ମୂଲ୍ୟ **20** ଲକ୍ଷ ଟଙ୍କାରୁ ଅଧିକ ନଥିଲା । ସହକାରୀ ସଂଗ୍ରାହକ ଫେରସ୍ତ ପାଇଁ କରାଯାଇଥିବା ଦାବିକୁ ପ୍ରତ୍ୟାଖ୍ୟାନ କରି ନିର୍ଣ୍ଣୟ ନେଇଛନ୍ତି ଯେ ଯେହେତୁ ପାରା **2 (i)** ରେ ନିର୍ଦ୍ଧାରିତ ସର୍ବାଧିକ ସୀମା, **15** ଲକ୍ଷ ଟଙ୍କା ପୂର୍ବ ବର୍ଷ ଅତିକ୍ରମ କରିଥିଲା, କରଦାତାକୁ ଫେରସ୍ତ ଦେବାର କୌଣସି ପ୍ରଶ୍ନ ନଥିଲା । ଆବେଦନରେ, ଅପିଲିୟ ସଂଗ୍ରାହକ, ସହକାରୀ ସଂଗ୍ରାହକଙ୍କ ମତକୁ ଓଲଟାଇ ଦେଇଥିଲେ ଏବଂ ନିର୍ଣ୍ଣୟ ନେଇଥିଲେ ଯେ ଯେହେତୁ ହାରାହାରି ମୂଲ୍ୟ **20** ଲକ୍ଷ ଟଙ୍କାରୁ ଅଧିକ ହୋଇନାହିଁ, ଉପରୋକ୍ତ ଅଧିସୂଚନା ଅନୁଯାୟୀ କରଦାତା ଛାଡ଼ର ଲାଭ ପାଇବାକୁ ହକଦାର ଥିଲେ । ନ୍ୟାୟାଧିକରଣ ମଧ୍ୟ ଏହି ମତକୁ ସମର୍ଥନ କରିଥିଲେ । ନ୍ୟାୟାଧିକରଣଙ୍କ ଆଦେଶ ବିରୁଦ୍ଧରେ ରାଜସ୍ୱ ବର୍ତ୍ତମାନର ଆବେଦନ ଦାଖଲ କରିଥିଲା ।

ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: **1.** ଅଧିସୂଚନାର ପାରା **2 (ii)** ଅନୁଯାୟୀ ଦାବି କରାଯାଇଥିବା ଛାଡ଼ ପାଇବା ପାଇଁ ଉତ୍ତରଦାତା ହକଦାର ନୁହଁନ୍ତି କାରଣ ଉଭୟ ସାମଗ୍ରୀ "ନିର୍ଦ୍ଦିଷ୍ଟ ଦ୍ରବ୍ୟ" ଏବଂ ଅନୁଚ୍ଛେଦ **2 (i)** ମଧ୍ୟରେ ଆସୁଛି । ପାରା **2 (i)** ରେ "ନିର୍ଦ୍ଦିଷ୍ଟ ଦ୍ରବ୍ୟର ପ୍ରତ୍ୟେକ କ୍ରମିକ ସଂଖ୍ୟା" ର ହାରାହାରି ନିକାଶ ମୂଲ୍ୟ ବିଷୟରେ କୁହାଯାଇଛି, ଯେତେବେଳେ କି ପାରା **2 (ii)** ରେ "ଉତ୍ପାଦ ଶୁଳ୍କଯୋଗ୍ୟ ଦ୍ରବ୍ୟ" ବିଷୟରେ କୁହାଯାଇଛି ଯାହା ଏକାଧିକ ବିଷୟ ଅଧୀନରେ ଆସୁଛି । ତେଣୁ ଖଣ୍ଡ **(i)** 'ନିର୍ଦ୍ଦିଷ୍ଟ ଦ୍ରବ୍ୟ' ମଧ୍ୟରେ ସୀମିତ ଥିବାବେଳେ ଖଣ୍ଡ **(ii)** 'ଉତ୍ପାଦ ଶୁଳ୍କଯୋଗ୍ୟ ଦ୍ରବ୍ୟ' କୁ ବୁଝାଏ । ସମସ୍ତ ନିର୍ଦ୍ଦିଷ୍ଟ ସାମଗ୍ରୀ ଉତ୍ପାଦ ଶୁଳ୍କ ଯୋଗ୍ୟ ମଧ୍ୟ ହୋଇପାରେ, କିନ୍ତୁ ଯଦି ଖଣ୍ଡ **(ii)** କୁ ଖଣ୍ଡ **(i)** ଠାରୁ ସ୍ୱତନ୍ତ୍ର ଭାବରେ ପଢ଼ାଯାଏ, ତେବେ ଏହା ଏକ

**ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବ, ଏହାଦ୍ୱାରା, ଜଣେ ଉତ୍ପାଦନକାରୀ ଯିଏକି ଖଣ୍ଡ (i) ଅଧୀନରେ ଛାଡ ପାଇବାକୁ ଯୋଗ୍ୟ ନୁହନ୍ତି କାରଣ ତାଙ୍କ ସାମଗ୍ରୀର ହାରାହାରି ମୋଟ ମୂଲ୍ୟ 15 ଲକ୍ଷ ଟଙ୍କାରୁ ଅଧିକ ହେଉଛି, ସେ ଖଣ୍ଡ (ii) ର ସାହାରା ନେଇପାରିବେ ଏବଂ ଯୁକ୍ତି କରିପାରିବେ ଯେ ଯେହେତୁ ଉତ୍ପାଦ ଶୁଳ୍କଯୋଗ୍ୟ ଥିବା ନିର୍ଦ୍ଦିଷ୍ଟ ସାମଗ୍ରୀର ମୋଟ ମୂଲ୍ୟ 20 ଲକ୍ଷ ଟଙ୍କାରୁ ଅଧିକ ହେଉନାହିଁ, ତେଣୁ ସେ ରିହାତି ପାଇବାକୁ ହକଦାର ହେବେ । ଏପରି ବ୍ୟାଖ୍ୟା ଖଣ୍ଡ (i) କୁ ନିରର୍ଥକ କରିଦେବ । ଯେହେତୁ ଉଭୟ ଦ୍ରବ୍ୟ "ନିର୍ଦ୍ଦିଷ୍ଟ ଦ୍ରବ୍ୟ" ଅଭିବ୍ୟକ୍ତି ମଧ୍ୟରେ ଆସୁଛି, ଏହି ମାମଲା, ଖଣ୍ଡ (i) ଦ୍ୱାରା ଅନ୍ତର୍ଭୁକ୍ତ ହେବ ଏବଂ ଖଣ୍ଡ (ii) ଦ୍ୱାରା ନୁହେଁ । ତେଣୁ ଏହି ମାମଲା, ଖଣ୍ଡ (ii) ଅଧୀନରେ ଆସୁଛି ବୋଲି ନିମ୍ନରେ ଦିଆଯାଇଥିବା କର୍ତ୍ତୃପକ୍ଷଙ୍କ ନିର୍ଣ୍ଣୟକୁ ଅଗ୍ରାହ୍ୟ କରାଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 4171/1986

୪.7.86 ତାରିଖରେ, ନୂଆଦିଲ୍ଲୀର ସୀମାଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲିୟ ନ୍ୟାୟାଧିକରଣଙ୍କ ଆବେଦନ ସଂଖ୍ୟା ଇଡି/ଏସବି (ଟି)/1079/81-ବିଆଇ, ଆଦେଶ ସଂଖ୍ୟା 416/1986 ବିଆଇ ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଅତିରିକ୍ତ ସଲିସିଟର ଜେନେରାଲ ଏମ୍. ଏସ୍. ଉସଗାଓଁକର, ସୁଶ୍ରୀ ସୁଷମା ସୁରୀଙ୍କ ପାଇଁ ୱାଇ. ପି. ମହାଜନ, ଆବେଦନକାରୀଙ୍କ ପାଇଁ ।

କେ. ରାମ କୁମାର, ସୁଶ୍ରୀ ଆଶା ନାୟାର, ୱାଇ. ଏସ୍. ରାଓ ଏବଂ ସି. ବାଲାସୁବ୍ରମଣ୍ୟମ୍ ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

**ପ୍ରଧାନ ବିଚାରପତି ଅହମ୍ମଦୀଙ୍କ** ଦ୍ୱାରା । କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ମାଡ୍ରାସଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏହି ଆବେଦନଟି ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲିୟ ନ୍ୟାୟାଧିକରଣଙ୍କ (ସଂକ୍ଷେପରେ 'ନ୍ୟାୟାଧିକରଣ'), ୪ ଜୁଲାଇ, 1986 ର ସେହି ରାୟ ଓ ଆଦେଶ ବିରୁଦ୍ଧରେ ଅଟେ, ଯେଉଁଥିରେ ଆବେଦନକାରୀ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ମାଡ୍ରାସଙ୍କ 1 ଅଗଷ୍ଟ, 1981ର ଆଦେଶକୁ କାଏମ ରଖି ସହକାରୀ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଆୟୁକ୍ତ, ତିରୁନେଲଭେଲୀଙ୍କ 27 ଫେବୃଆରୀ, 1981ରେ ପ୍ରଦାନ କରାଯାଇଥିବା ଆଦେଶକୁ ବଦଳାଇ ଉତ୍ତରଦାତା-କରଦାତାଙ୍କୁ ଅବକାରୀ ଶୁଳ୍କ ଫେରସ୍ତ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ସଂକ୍ଷିପ୍ତରେ ଘଟଣାଗୁଡ଼ିକ ଏହିପରି ଅଟେ;

ଉତ୍ତରଦାତା ଟ୍ରେଲର ଏବଂ ଇସ୍ପାତ ଆସବାବପତ୍ର ଉତ୍ପାଦନ କରୁଥିଲେ, ଯାହା ଯଥାକ୍ରମେ ଟାରିଫ୍ ବିଷୟ ସଂଖ୍ୟା 34 (iii) ଏବଂ ଟାରିଫ୍ ବିଷୟ ସଂଖ୍ୟା 40 ଅଧୀନରେ ଉତ୍ପାଦ ଶୁଳ୍କ ଦେବା ପାଇଁ ଦାୟୀ ଥିଲା । ଉତ୍ତରଦାତା ମାର୍ଚ୍ଚ 1, 197୪ ତାରିଖର ଅଧିସୂଚନା ଏବଂ ପରବର୍ତ୍ତୀ ସମୟରେ ଜୁନ୍ 18, 1980 ତାରିଖରେ ସଂଶୋଧିତ ଅଧିସୂଚନା ସଂଖ୍ୟା 80/80 ଅନୁଯାୟୀ ମିଳୁଥିବା ଶୁଳ୍କ ରିହାତି ଦାବି ନକରି, କେବଳ ସମ୍ପୂର୍ଣ୍ଣ ଶୁଳ୍କ ପୈଠ କରି ସାମଗ୍ରୀ ବାହାର କରୁଥିଲେ । ଉକ୍ତ ଅଧିସୂଚନାର ପାରା 2 ଯାହା ଆମର ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ, ତାହା ଏହିପରି:

"(2) ଏହି ଅଧିସୂଚନାରେ ଥିବା କୌଣସି ବିଷୟ ଉତ୍ପାଦକଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେବ ନାହିଁ -

(i) ଯଦି ପୂର୍ବ ଆର୍ଥିକ ବର୍ଷରେ, ଜଣେ ବ୍ୟକ୍ତିଙ୍କ ଦ୍ୱାରା କିମ୍ବା ତାଙ୍କ ତରଫରୁ ଗୋଟିଏ କିମ୍ବା ଏକାଧିକ କାରଖାନାରୁ ଦେଶ ଭିତରେ ବ୍ୟବହାର ପାଇଁ ବାହାର

କରାଯାଇଥିବା ନିର୍ଦ୍ଦିଷ୍ଟ ସାମଗ୍ରୀଗୁଡ଼ିକର ମୋଟ ମୂଲ୍ୟ 15 ଲକ୍ଷ ଟଙ୍କାରୁ ଅଧିକ ହୋଇଥାନ୍ତା ।

(ii) ଯେଉଁ ବ୍ୟକ୍ତି ପ୍ରଥମ ଅନୁସୂଚୀର ଏକରୁ ଅଧିକ ବିଷୟ ସଂଖ୍ୟା ଅଧୀନରେ ଆସୁଥିବା ଉତ୍ପାଦ ଶୁଳ୍କଯୋଗ୍ୟ ସାମଗ୍ରୀ ଉତ୍ପାଦନ କରନ୍ତି ଏବଂ ପୂର୍ବ ଆର୍ଥିକ ବର୍ଷ ମଧ୍ୟରେ, ଗୋଟିଏ କିମ୍ବା ଏକାଧିକ କାରଖାନାରୁ ତାଙ୍କ ଦ୍ୱାରା ବା ତାଙ୍କ ତରଫରୁ ଘରୋଇ ବ୍ୟବହାର ପାଇଁ ବାହାର କରାଯାଇଥିବା ସମସ୍ତ ସାମଗ୍ରୀର ହାରାହାରି ମୂଲ୍ୟ କୋଡ଼ିଏ ଲକ୍ଷ ଟଙ୍କାରୁ ଅଧିକ ହୋଇଥାନ୍ତା ।"

ଉତ୍ତରଦାତା 1 ଅପ୍ରେଲ 1980 ରୁ 30 ସେପ୍ଟେମ୍ବର 1980 ମଧ୍ୟରେ ପ୍ରଦାନ କରିଥିବା 65, 285.68/- ଟଙ୍କାର ଶୁଳ୍କ ଫେରସ୍ତ ପାଇଁ ଦାବି କରି ଏହି ଯୁକ୍ତି ଦର୍ଶାଇଥିଲେ ଯେ ପୂର୍ବ ଆର୍ଥିକ ବର୍ଷରେ ଉଭୟ ଉତ୍ପାଦନ ଶୁଳ୍କ ଯୋଗ୍ୟ ସାମଗ୍ରୀର ସମୁଦାୟ ନିକାଶ ମୂଲ୍ୟ 20 ଲକ୍ଷ ଟଙ୍କାରୁ ଅଧିକ ହୋଇନଥିଲା । ସହକାରୀ ସଂଗ୍ରାହକ ଜାଣିବାକୁ ପାଇଲେ ଯେ 1979-80 ବର୍ଷରେ, କରଦାତା 19,32,960/- ଟଙ୍କା ମୂଲ୍ୟର ଟ୍ରେଲର୍ ଏବଂ 1032/-ଟଙ୍କା ମୂଲ୍ୟର ଇସ୍ପାତ ନିର୍ମିତ ଆସବାବପତ୍ର ନିକାଶ କରିଛନ୍ତି ଯାହାର ହାରାହାରି ମୋଟ ମୂଲ୍ୟ 19,33,992/- ଟଙ୍କା ଅର୍ଥାତ୍, 20 ଲକ୍ଷ ଟଙ୍କାରୁ କମ୍ ଥିଲା । ଯେହେତୁ ମୋଟ ହାରାହାରି ମୂଲ୍ୟ 15 ଲକ୍ଷ ଟଙ୍କା ଅତିକ୍ରମ କରିଛି, ଅଧିସୂଚନାର ଅନୁଚ୍ଛେଦ 2 (i) ର ପ୍ରାବଧାନକୁ ଦୃଷ୍ଟିରେ ରଖି, ସହକାରୀ ସଂଗ୍ରାହକ ନିର୍ଣ୍ଣୟ ନେଇଛନ୍ତି ଯେ କରଦାତା ଛାଡ ପାଇବା ପାଇଁ ଯୋଗ୍ୟ ନୁହଁନ୍ତି ଏବଂ ଫେରସ୍ତ ପାଇଁ କରାଯାଇଥିବା ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ତେଣୁ କରଦାତା ଏହି ଆବେଦନ ଆଗତ କରିଥିଲେ । ଅପିଲିୟ ସଂଗ୍ରାହକ, ସହକାରୀ ସଂଗ୍ରାହକଙ୍କ ମତକୁ ବଦଳାଇ ଦେଇଛନ୍ତି ଏବଂ ନିର୍ଣ୍ଣୟ ନେଇଛନ୍ତି ଯେ ଯେହେତୁ ଏହାର ହାରାହାରି ମୋଟ ମୂଲ୍ୟ 20 ଲକ୍ଷ ଟଙ୍କାରୁ ଅଧିକ ହୋଇନାହିଁ, ଉପରୋକ୍ତ ଅଧିସୂଚନା ଅନୁଯାୟୀ କରଦାତା ଛାଡ଼ର ଲାଭ ପାଇବାକୁ ହକଦାର ଥିଲେ ଏବଂ ଫେରସ୍ତ ପାଇଁ ଆଦେଶ ଦେଇଥିଲେ । ରାଜସ୍ୱର ଆବେଦନରେ ନିଆଯାଇଥିବା ଏହି ମତକୁ ନ୍ୟାୟାଧିକରଣ ନିଶ୍ଚିତ କରିଥିଲେ ।ତେଣୁ, ବର୍ତ୍ତମାନର ଏହି ଆବେଦନ ।

ଅଧିସୂଚନାର ପାରା 1 ନିର୍ଦ୍ଦିଷ୍ଟ ଦ୍ରବ୍ୟକୁ ସୂଚିତ କରେ ଅର୍ଥାତ୍ ଅଧିସୂଚନା ସହିତ ସଂଲଗ୍ନ ସାରଣୀର ସ୍ତମ୍ଭ 3 ରେ ନିର୍ଦ୍ଦିଷ୍ଟ ହୋଇଥିବା ଦ୍ରବ୍ୟ । ପୂର୍ବରୁ ଉଦ୍ଧୃତ କରାଯାଇଥିବା ପାରା 2 ଛାଡ଼ ପ୍ରଦାନର ମଞ୍ଜୁରି ପାଇଁ ସର୍ତ୍ତାବଳୀ ସ୍ଥିର କରେ । ଉଭୟ ଟ୍ରେଲର୍ ଏବଂ ଇସ୍ପାତ ଆସବାବପତ୍ର ନିର୍ଦ୍ଦିଷ୍ଟ ସାମଗ୍ରୀ ହୋଇଥିବାରୁ, କରଦାତା ଯୁକ୍ତି କରିଛନ୍ତି ଯେ ଟ୍ରେଲର୍ ଏବଂ ଇସ୍ପାତ ଆସବାବପତ୍ରର ମୂଲ୍ୟ 20 ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବାରୁ, ଅଧିସୂଚନାରେ ଥିବା ପାରା 2 ର ଉପ-ପାରା (ii) କୁ ଲାଗୁ କରାଯାଇଥିଲା, ତେଣୁ ସେ ଫେସସ୍ତ ପାଇବା ପାଇଁ ଯୋଗ୍ୟ ଥିଲେ । ରାଜସ୍ୱର ଯୁକ୍ତି ହେଉଛି ଯେ ଯେହେତୁ ପାରା 2 ର ଉପ-ପାରା (ii) ରେ ନିର୍ଦ୍ଦିଷ୍ଟ ହୋଇଥିବା ସର୍ବାଧିକ ସୀମା 15 ଲକ୍ଷ ଟଙ୍କା, ପୂର୍ବ ବର୍ଷରେ ଅତିକ୍ରମ କରିଥିଲା, ତେଣୁ କରଦାତାଙ୍କୁ ଫେରସ୍ତ ଦେବାର କୌଣସି ପ୍ରଶ୍ନ ଉଠିନଥିଲା ।ନ୍ୟାୟାଧିକରଣଙ୍କ ପାଖରେ ଏହା ଯୁକ୍ତି କରାଯାଇଥିଲା ଯେ ଉପ-ପାରା (i) ଏବଂ (ii) କୁ ଏକାଠି ପଢ଼ିବାକୁ ପଡିବ, କିନ୍ତୁ ନ୍ୟାୟାଧିକରଣ ଅନୁଭବ କରିଛନ୍ତି ଯେ ଯଦିଓ ସେଗୁଡ଼ିକ ସେହିପରି ପାଠ କରାଯାଇଥିଲା, ଏହା ସ୍ପଷ୍ଟ ହୋଇଛି ଯେ ଉପ-ପାରା (i) ନିର୍ଦ୍ଦିଷ୍ଟ ଦ୍ରବ୍ୟର ଗୋଟିଏ ସାମଗ୍ରୀ ପାଇଁ 15 ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିବାବେଳେ ଉପ-ପାରା (ii) 20 ଲକ୍ଷ ଟଙ୍କାର ସୀମା ସ୍ଥିର କରିଛି, ଯେଉଁଠାରେ ଉଭୟ ନିର୍ଦ୍ଦିଷ୍ଟ ଏବଂ ଅନିର୍ଦ୍ଦିଷ୍ଟ ସାମଗ୍ରୀର ନିକାଶ କରାଯାଇଛି । ଏହା ହିଁ ହେଉଛି ବିବାଦ ।

ପାରା 2 (i) ରେ 'ନିର୍ଦ୍ଦିଷ୍ଟ ଦ୍ରବ୍ୟର ପ୍ରତ୍ୟେକ କ୍ରମିକ ସଂଖ୍ୟା' ର ହାରାହାରି ମୋଟ ନିକାଶ ମୂଲ୍ୟ ବିଷୟରେ କୁହାଯାଇଛି, ଯେତେବେଳେ କି ପାରା 2 (ii) ରେ 'ଉତ୍ପାଦ ଶୁଳ୍କଯୋଗ୍ୟ ଦ୍ରବ୍ୟ' ବିଷୟରେ କୁହାଯାଇଛି ଯାହା ଏକାଧିକ ବିଷୟ

ଅଧୀନରେ ଆସୁଛି । ତେଣୁ ଏହା ସ୍ପଷ୍ଟ ଯେ ଖଣ୍ଡ (1) 'ନିର୍ଦ୍ଦିଷ୍ଟ ଦ୍ରବ୍ୟ' ମଧ୍ୟରେ ସୀମିତ ଥିବାବେଳେ ଖଣ୍ଡ (ii) 'ଉତ୍ପାଦ ଶୁଳ୍କଯୋଗ୍ୟ ଦ୍ରବ୍ୟ' କୁ ବୁଝାଏ । ସମସ୍ତ ନିର୍ଦ୍ଦିଷ୍ଟ ସାମଗ୍ରୀ ଉତ୍ପାଦ ଶୁଳ୍କ ଯୋଗ୍ୟ ମଧ୍ୟ ହୋଇପାରେ, କିନ୍ତୁ ଯଦି ଖଣ୍ଡ (ii) କୁ ଖଣ୍ଡ (i) ଠାରୁ ସ୍ୱତନ୍ତ୍ର ଭାବରେ ପଢ଼ାଯାଏ, ତେବେ ଏହା ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବ, ଏହାଦ୍ୱାରା, ଜଣେ ଉତ୍ପାଦନକାରୀ ଯିଏକି ଖଣ୍ଡ (i) ଅଧୀନରେ ଛାଡ ପାଇବାକୁ ଯୋଗ୍ୟ ନୁହନ୍ତି କାରଣ ତାଙ୍କ ସାମଗ୍ରୀର ହାରାହାରି ମୋଟ ମୂଲ୍ୟ 15 ଲକ୍ଷ ଟଙ୍କାରୁ ଅଧିକ ହେଉଛି, ସେ ଖଣ୍ଡ (ii) ର ସାହାରା ନେଇପାରିବେ ଏବଂ ଯୁକ୍ତି କରିପାରିବେ ଯେ ଯେହେତୁ ଉତ୍ପାଦ ଶୁଳ୍କଯୋଗ୍ୟ ଥିବା ନିର୍ଦ୍ଦିଷ୍ଟ ସାମଗ୍ରୀର ମୋଟ ମୂଲ୍ୟ 20 ଲକ୍ଷ ଟଙ୍କାରୁ ଅଧିକ ହେଉନାହିଁ, ତେଣୁ ସେ ରିହାତି ପାଇବାକୁ ହକଦାର ହେବେ । ଏପରି ବ୍ୟାଖ୍ୟା ଖଣ୍ଡ (i) କୁ ନିରର୍ଥକ କରିଦେବ । ତେଣୁ ଆମର ମତ ହେଉଛି ଯେ ଯଦି ଦ୍ରବ୍ୟ, ଅର୍ଥାତ୍ ସମସ୍ତ ଦ୍ରବ୍ୟ 'ନିର୍ଦ୍ଦିଷ୍ଟ ଦ୍ରବ୍ୟ' ଅଭିବ୍ୟକ୍ତି ମଧ୍ୟରେ ଆସୁଛି, ଏହି ମାମଲା, ଖଣ୍ଡ (i) ଦ୍ୱାରା ଅନ୍ତର୍ଭୁକ୍ତ ହେବ ଏବଂ ଖଣ୍ଡ (ii) ଦ୍ୱାରା ନୁହେଁ ।

ତଦନୁସାରେ, ଆବେଦନକୁ ଅନୁମତି ଦିଆଯାଇଛି ଏବଂ କର୍ତ୍ତୃପକ୍ଷଙ୍କ ଯେଉଁ ଆକ୍ଷେପିତ ଆଦେଶରେ ଏହି ମାମଲାଟି ଧାରା (ii) ଅଧୀନରେ ଆସୁଛି ବୋଲି ନିର୍ଣ୍ଣୟ ହୋଇଥିଲା, ତାହାକୁ ଅଗ୍ରାହ୍ୟ କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଏଚ୍. କେ. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।